# ଶ୍ରୀ ଗୁଣ୍ଡିଚା



ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସ



ଓଁ ନମସ୍ତେ ଅଚ୍ୟୁତାନନ୍ଦଂ ଜ୍ଞାନମୟ ପ୍ରଦୀପକଂ
ସକଳ ଗୁଣ ଆଧାରଂ ସର୍ବଶକ୍ତି ସମୁଦ୍ଭବ ।
କଳ୍ପ ଦ୍ରୁମ ନିବାସାୟ ମଣିବେଦ୍ରୀ ବିମଣ୍ଡିତଂ
ଚିତ୍ରାଙ୍ଗୀ ନିଳ ଯମୁନା ତାଂତୀରେ ସଂସ୍ଥିତ ଭବଃ ।୧ ।
ଶୁକ୍ଳବସ୍ତ୍ର ପରିଧାନଂ ଶୁକ୍ଳଉତ୍ତରୀ ଶୋଭିତଂ ।
ଶୁକ୍ଳପାଗ ଶିରେ ଶୋଭ୍ୟଂ ତୁଳସୀ ମାଳ ଭୂଷିତଂ
ଦ୍ୱାଦଶ ତିଳକ ଯୁକ୍ତଂ ଦିବ୍ୟାଙ୍ଗ ଭୂଷଣ ଭବେତ
ଦ୍ୱାଦଶ ଗୋପାଳ ଯୁକ୍ତଂ  ରାସ ଲୀଳା ପ୍ରବର୍ତ୍ତି ତଂ ।୨ ।
ବୃନ୍ଦାବନେ ବିହାରଞ୍ଚ ନମାମୀ ପୁରୁଷୋତ୍ତମ
ଅଚ୍ୟୁତ ପରମଧାମ ଅଚ୍ୟୁତ ପରମଜ୍ଞାନ
ଅଚ୍ୟୁତ ପରମ ଗୁରୁ ଅଚ୍ୟୁତ ବ୍ରହ୍ମ ମୂର୍ତ୍ତିୟୋଃ
ଯୋଗ କଳ୍ପ ଜ୍ଞାନ କଳ୍ପ ବେଦ କଳ୍ପ ତଥପରମା । ୩ ।
ପଟଳଂ ବ୍ରହ୍ମ ବିଦ୍ୟାଞ୍ଚ ନିର୍ଘଣ୍ଟଂ ପରାର୍ଦ୍ଧ ସ୍ତବ
ଚତୁର୍ବେଦ ପ୍ରବକ୍ଷାମୀ ସର୍ବଶାସ୍ତ୍ର ବିଶାରଦ
ଶଙ୍ଖ ଶିଙ୍ଗା ବେଣୁ ବେତ୍ର ଚତୁର୍ବାହୁ ସୁଶୋଭିତଂ
ଅଚ୍ୟୁତା ନନ୍ଦ ଦେବଞ୍ଚ ସଚ୍ଚିଦାନନ୍ଦ ବିଗ୍ରହଂ
କଳ୍ପଦ୍ରୁମ ନିବାସାୟ ଅଚ୍ୟୁତାୟ ନମୋ ନମଃ । ୪ ।
ଓଁ ବନ୍ଦେ ମହାପୁରୁଷତେ ଚରଣାର ବିନ୍ଦମ ।

ଦାସାନୁଦାସ ବୁଢିଆ



ଅମାବାସ୍ୟାର ଘନ ତିମିରେ,
ଝଡ଼ବର୍ଷାର ରାତି ।
ନାଉରୀ ବିହୀନ ଟିକି ନଉକା ମୋ,
ଦିଗ ହରାଉଛି ଆଜି ।
ତରଙ୍ଗାୟିତ ଏ ନଦୀର ବକ୍ଷ,
ନଉକା ମୋ ଟଳମଳ ।
ଦିଶେ ନାହିଁ କାହିଁ ଆଲୋକର ସତ୍ତା,
ଦିଶେ ନାହିଁ ଥଳ କୂଳ
ତେଉରେ ଉରିବା ଜାଣେ ନାହିଁ ପ୍ରଭୁ,
ସମୟ ସୁଅରେ ଭାସୁଥାଏ
କେବେ ଚୋରାବାଲି ଭଉଁରୀ ଭେଟଇ,
କାହିଁ ଥାଇ ପୁଣି କାହିଁ ଯାଏ ।
ଚାରି ପାଖେ ମୋର ମୋହର ଝୁଲଣା
ଝୁଲିବାକୁ ଲୋଭ ମନେ ।
କେମିତି ବୁଝିବି ତୁମକୁ ମୁଁ କୁହ ?
ହଜିଛି ମୁଁ ମୋହ ବଣେ ।
ତମେ ତ ପରଂ ବ୍ରହ୍ମ, ନିରାକାର ନିରଂଜନ ।
ତମକୁ ଛୁଏଁନି ପାପ ଛୁଏଁନି ବି ପୁଣ୍ୟ ।
ମୋ ଜୀବନ ଶୂନ୍ୟ ଅବା ପୂର୍ଣ୍ଣ
ଯାହା କିଛି ତୁମରି ଇଚ୍ଛାରେ ।
ଇଚ୍ଛାମୟ ଏମିତି କରନ୍ତ ଇଚ୍ଛା,
ମୁଁ ପୁଣି ଯାଆନ୍ତି ଫେରି
ତୁମ ପାଦ ପଙ୍କଜରେ ।

ଝୁନା

# ସୂଚୀପତ୍ର


୧. ଗୁରୁ ବନ୍ଦନା ........................................ ୧

୨. ନବ ଯଉବନ ........................................ ୩

୩. ଭାଇରେ ଆଜିକି ଆନନ୍ଦ ଦିନ ........................................ ୪

୪. ଆସିକରି ଚାଲିଗଲ ........................................ ୬

୫. ପୁରୁଣାରୁ ଆସି ନୂଆରେ ରହିବ ........................................ ୭

୬. ତୋ ବଡ଼ ଦାଣ୍ଡରେ ........................................ ୮

୭. ଏକଇ ବ୍ରହ୍ମ ଜଗତରେ ........................................ ୯

୮. ଏହି ନିବେଦନ ରହୁରେ କାଳିଆ ........................................ ୧୦

୯. ଶରଣ ସୋଦର ........................................ ୧୧

୧୦. ଜଗବନ୍ଧୁ ! ବନ୍ଧୁ ........................................ ୧୨

୧୧. ଆଖିର ଲୁହରେ ........................................ ୧୩

୧୨. କନ୍ଧାଶ୍ରୀ ମୁଖ ହେ ! ........................................ ୧୫

୧୩. ଅନେକ ନୟନ ରହିଛି ........................................ ୧୬

୧୪. କାହାକୁ କହିବି ଦୁଃଖ ........................................ ୧୭

୧୫. କରୁଣା ସିନ୍ଧୁ ବୋଲାଅ ........................................ ୧୮

୧୬. ମା ସତର ଘଣ୍ଟି ........................................ ୨୦

# ଗୁରୁବନ୍ଦନା

ସଚରାଚର ପୃଥିବୀର ଯେତେ ନାରୀନର
ଗୁରୁବିନା ଜଗତରେ ନାହିଁଟି ଉଦ୍ଧାର

ଗୁରୁ ବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁ ମହେଶ୍ୱର
ଗୁରୁ ଏକା ପରଂବ୍ରହ୍ମ, ଗୁରୁ ନିରାକାର
ଗୁରୁ ନୁହଁନ୍ତି ଅକ୍ଷର
ଅଣାକ୍ଷର ମଧ୍ୟେ ବାସ ଯାର ନିରନ୍ତର ।

ଜଳରେ ଦେଖିଲେ ଗୁରୁ ଜଳ ରୂପେଥାଏ
ଅକ୍ଷର ଦେଖିଲେ ଗୁରୁ ଅକ୍ଷରରେ ଆସେ

ସୂର୍ଯ୍ୟ ଚନ୍ଦ୍ରମାରେ ଗୁରୁ ନକ୍ଷତ୍ର ରୂପରେ
ଗୁରୁ ସିନା ଖେଳୁଛନ୍ତି ସବୁରି ଭିତରେ
ଗୁରୁ ଦୟା ଯଦି ହେବ
ଦୟା ହେଲେ ସପ୍ତସିନ୍ଧୁ ନାମେ ପାରିହେବ ।

ଅଜପା ଅନାହତରେ ଅଭୟ ମଣ୍ଡଳ
ଶୂନ୍ୟ ମଣ୍ଡଳରେ ଗୁରୁ କରୁଛନ୍ତି ଖେଳ
ଗୁରୁ ପରଂବ୍ରହ୍ମ ହରି
ଭବସିନ୍ଧୁ ପାରି ହେବେ ଗୁରୁମୋ ନାଉରୀ ।

ବ୍ରହ୍ମା ବିଷ୍ଣୁ ଅଭିଶାପେ କିଛି ନ ହୋଇବ
ଗୁରୁଙ୍କର ଅଭିଶାପେ ସବୁ ଜଳିଯିବ
ଗୁରୁ ଅଗ୍ନିଠାରୁ ତେଜ
ଗୁରୁପାଦ ପଦ୍ମେ ମନ ସଦାବେଳେ ହେଜ ॥

ଗୁରୁଙ୍କୁ ହୀନ ନ ମଣ ଗୁରୁ ପିତାମାତା
ଗୁରୁ ଏକା କହିପାରେ ମାତୃଗର୍ଭ କଥା
ଗୁରୁ ଏକା ଦଣ୍ଡ ଇନ୍ଦ୍ରି
ଗୁରୁ ମୋ ସଖା ସୋଦର ଗୁରୁ ମୋର ବନ୍ଧୁ ।

ଗୁପତେ ଗୁରୁ ଅଛନ୍ତି ନଦେଖନ୍ତି କେହି
ସଂଧ୍ୟା ସକାଳରେ ଗୁରୁ ପାଦେ ବସ ଧାୟୀ
ଗୁରୁ ନାମ ସଂକୀର୍ତ୍ତନ
ହୃଦୟ କମଳେ ବସି କର ସବୁଦିନ ।

ଅଭାଗା ଅଧମ ଜନ ନଜାଣଇ ଜ୍ଞାନ
ନିରାକାର ଗୁରୁପାଦେ ଲଗାଇଲି ଧ୍ୟାନ
ତାଙ୍କ ଦୟା ଯେବେ ହେବ
ଅଭାଗା ବୁଦ୍ଧିଆଁ ସିନା ଭବରୁ ତରିବ ।

ସଂସାରରେ ସାର ଗୁରୁ ନାମ ହିଁ ଅଖଣ୍ଡ
ଗୁରୁ ନିନ୍ଦା କଲେ ପଡ଼ି ହେବୁ ଖଣ୍ଡ ଖଣ୍ଡ
ଶେଷେ ଯୋଗ ନର୍କ କୁଣ୍ଡ
ବିଶ୍ୱ ଗୁରୁ ରୂପେ ପାରୁ ଅଛନ୍ତି ବ୍ରହ୍ମାଣ୍ଡ ।

ଗୁରୁମୟ ଜଗତରେ ଶିଷ୍ୟ ଘରେ ଘରେ
ଗୁରୁ ଖୋଜୁଛନ୍ତି ବୁଲି ଶିଷ୍ୟ ପୁରେ ପୁରେ
ଗୁରୁଶିଷ୍ୟ ହେଲେ ଭେଟ
ମାନବ ମନରୁ ତୁଟି ଯାଏରେ ଶଙ୍କଟ ।।

# ନବ ଯଉବନ

ନବ ଯଉବନ ସାରିରେ କାଳିଆ
  ଚାହିଁ ଦେଲେ ମୁଖ ତୋର
ଜୀବନ ଯାକର କୋଟି କୋଟି ପାପ
  ନାଶ ହେଇଯିବ ମୋର ॥
ବରଷକେ ଥରେ ତୋର ବଡ଼ ଦାଣ
  ମୋର ହେଉଥିବ ଘର
ବରଷା କାକର ଖାଇରେ କାଳିଆ
  ରାତିଟି ପାହୁରେ ମୋର ॥
ତୋର ଦୟା ଥିବ ଦୁଃଖୀ ଜନ ପାଇଁ
  ନ ଭୁଲିବୁ ନିରନ୍ତର
ସକଳ ଅନ୍ତର ତୁହି ଏକା ଜାଣୁ
  ଆଉ ସର୍ବେ ସ୍ୱାର୍ଥ ପର ॥
ପରକୁ ଆନନ୍ଦ ଦେଇରେ କାଳିଆ
  ପରମାନନ୍ଦ ନାମ ତୋର
ପରମ ପୁରୁଷ ଏକାରେ କାଳିଆ
  ଲୀଳା ଖେଳା ମାୟା ସଂସାର ॥
ଦିବସ ରଜନୀ ଡାକି ଡାକି ତୋତେ
  ଶୁଣିଲୁନି ଦୁଃଖ ମୋର ॥
ତୋ ନିଜଚକ୍ଷୁକୁ ସାକ୍ଷୀ ଦେଇ ଡକି
  ଆସିବାକୁ ଥରେ ମୋର ॥
ମନା କରିବୁନି ଦୁଃଖୀ ଦୁଖିଆକୁ
  ହେଲାଣି ଦୁଃଖ ସାଗର
ଆଉ କିଏ ଦୁଃଖ ବୁଝିବ ମୋହର
  ହୀନ ଠାରୁ ହୀନ ନର ॥
ତୁହି ଦୀନ ବନ୍ଧୁ ମୁହିଁ ଦୁଃଖୀଜନ
  ଜାଣନ୍ତି ସାରା ସଂସାର
ମାୟା ନକରିରେ ଦୟା ରଖିଥିବୁ
  ଜପୁ ଥିବି ନାମ ତୋର ॥

# ଭାଇରେ ଆଜିକି ଆନନ୍ଦ

ଭାଇରେ ଆଜିକି ଆନନ୍ଦ ଦିନ ..ଭାଇରେ ଆଜିକି...
ବଡ଼ଦାଣ୍ଡେ ଆଜି ଭକତ ଗହଣରେ
ସାକ୍ଷାତେ ପ୍ରଭୁ ନେଇଁ ଜନ୍ମ... ଭାଇରେ ଆଜିକି...
ଜାତି ଭିନ୍ନା ଭିନ୍ନ ତା'ଦାଣ୍ଡେ ନଥାଏ
ଏକଇ ମାଆ ସନ୍ତାନ... ଭାଇରେ ଆଜିକି.. ॥

କେ ତାଳି ମାରୁଛି କେ ନାମ ଜପୁଛି
ଶୁଭୁଥାଏ ହରି ସ୍ୱନ
ମହାପ୍ରଭୁଙ୍କର ମହାଯାତ୍ରା ଏହି
ଦେଖଇ ଭକତ ଜନ....ଭାଇରେ ଆଜିକି.... ॥

ପରମ ଦୟାଳୁ ପତିତପାବନ
ଜଗତେ ପଡ଼େ ଯା' ନାମ
ଦୁଃଖୀର ଠାକୁର ସୁଖୀର ଠାକୁର
ଡେରି ଶୁଣୁଥାଏ କର୍ଣ୍ଣ... ଭାଇରେ ଆଜିକି ॥
ବରଷକେ ଥରେ ରଥ ଯାତରାରେ
ବିତିଯିବ ରାତ୍ରଦିନ ।
ତାଙ୍କରି ଭଜନ ତାଙ୍କ କଥା ମାନ
ରହୁଥିବ ସଦାମନ ॥

ତାଙ୍କ ଦୟା ହେଲେ ନେତ୍ରେ ମୁଁ ଦେଖନ୍ତି
କରନ୍ତି ତାଙ୍କୁ ଦର୍ଶନ...ଭାଇରେ ଆଜିକି.. ।।
ରାତିଦିନ ଡାକି ଦୁଃଖେ ସବୁ ନାହିଁ
ରଜି ଦୁଃଖୀ ଭଗବାନ
ଶରଧା ବାଲିରେ ଥରେ ଗଡ଼ିଗଲେ
ଧୋଇଯାଏ ପାପମାନ ।
ଯେଣିକି ଚାହିଁଲେ ତେଣେ ଦିଶୁଥାଇ
ଆହା କାଳିଆ ବଦନ...ଭାଇରେ ଆଜିକି ।।

ଏହି ନିବେଦନ ତୋ ପାଦେ କାଳିଆ
ଦେଖୁଥିବି ସବୁଦିନ
ପରମ ଦୟାକୁ ଯୋଗ୍ୟ ପୁରୁଷକୁ
କହୁଥିବି ଦୁଃଖମାନ
ଦିନବନ୍ଧୁ ବୋଲି ଦିନେ ହେବ ବନ୍ଧୁ
ଏହି ଶେଷ ନିବେଦନ ।। ଭାଇରେ ଆଜିକି... ।।

❋❋❋

# ଆସିକରି ଚାଲିଗଲ

ଆସିକରି ଚାଲିଗଲ
ଖୋଜି ଖୋଜି ପାଉନାହିଁ
ବଂଚିବାର ଇଚ୍ଛା ନାହିଁ
କାହିଁ ପ୍ରାଣ ଯାଉନାହିଁ ।

ଯେତେ ବୁଝାଇଲେ ମନ
ଶାନ୍ତି ମୋର ରହୁ ନାହିଁ ।
ଭାବେ ରାତି ସରିଯିବ
କାଳରାତି ପାହୁ ନାହିଁ ।।

ଯାହା ଇଚ୍ଛା କର ହରି
ମୁଁ କିଛି କହିବି ନାହିଁ ।
ମନା କଲ ଯିବା ପାଇଁ
ବଡ଼ ଦାଣ୍ଡେ ଯାଉ ନାହିଁ ।।

କାହୁଁ ପ୍ରସାଦ ଚାଖିବି
ଦାଣ୍ଡକୁ ବା କାହିଁ ଯିବି ?
ଆଖି ଥାଇ ନିଳଚକ୍ର
ବାନା ଆଉ ଚାହୁଁ ନାହିଁ ।।

ଯାହା କରୁଛ ଠାକୁର
ଦେଇ କଲ ହରବର ।
ଦିଅ ବା ନ ଦିଅ ଆଉ
ଦେବାପାଇଁ କହୁନାହିଁ ।।

❋❋❋

# ପୁରୁଣାରୁ ଆସି ନୂଆରେ ରହିବ

ପୁରୁଣାରୁ ଆସି ନୂଆରେ ରହିବ
ନୂଆ କଳେବର ହେବ
ତା' କଳେବର ସେହି କରୁଥାଏ
ମନୁଷ୍ୟ କାହୁଁ ଜାଣିବ ॥
କାଳିଆର ଲୀଳା ଅଶେଷ ପ୍ରକାର
କାଳିଆର ଯେଉଁ ଭାବ
ଏକାଭାବଗ୍ରାହୀ ଜଗତେ କାଳିଆ
ଭକତ ଦୁଃଖ ହରିବ ॥
କଳଙ୍କ ବିନାଶି କଳେବର ହେବ
ଗୁପ୍ତରେ ଲୀଳା କରିବ
ବ୍ରହ୍ମା ଯେଉଁ ବ୍ରହ୍ମ ସ୍ଥାପନା କରିଛି
ନର କେ କହି ପାରିବ ? ॥
ଏକ ବ୍ରହ୍ମ ସିନା ବିଶ୍ୱରେ ଖେଳଇ
ବିଶ୍ୱାସରେ ତାର ଭାବ ॥
ବିଶ୍ୱାବସୁ ତାକୁ ଭାବେ ରଖିଥିଲା
ଲଳିତା ଜାଣଇ ଭାବ ॥
ସେହି ବ୍ରହ୍ମ ଆଜି ଦାରୁରେ ଖେଳୁଛି
ରୂପକେ କହିପାରିବ
ମନୁଷ୍ୟ ଶରୀରେ ଜୀବ ଜଗତ୍ରରେ
ବୃକ୍ଷଲତାରେ ଯା' ଠାବ ॥
ଚନ୍ଦ୍ରସୂର୍ଯ୍ୟ ଫଳ ପୁଷ୍ପ କରୁଅଛି
ସର୍ବ ପରେ ଯିଏ ସର୍ବ
ସହସ୍ର ମିନତି ତାଙ୍କରି ପାଦରେ
ବୁଦ୍ଧିଆର ରହିଥିବ ॥
ନିରାଶ ନ କରି ଦୟା ମୟ ହରି
ଗୁହାରୀ ମୋର ଶୁଣିବ ।
ଜୀବଗଲା ବେଳେ ମୋ ନାବେ ନାଉରୀ
ନାରାୟଣ ହୋଇଥିବ ॥

# ତୋ ବଡ଼ ଦାଣ୍ଡରେ

ତୋ ବଡ଼ ଦାଣ୍ଡରେ ମୋ ଦିନ ସରିବ
କାଳିଆ ତୋ ନାମ ଧରି
କଳିଯୁଗେ ମୋତେ ଦୁଃଖ ମିଳେ ଏତେ
ଦିଶିବ ବାନା ତୋହରି ॥
ତୋ ସିଂହ ଦୁଆରେ ମୋ ଦିନ ସରିବ
ଡାକୁଥିବି ହରି ହରି
ଶୁଣବା ନ ଶୁଣ ଦିଅ ବା ନ ଦିଅ
କରିବି ନିତି ଗୁହାରୀ ॥
ମୋତେ ଦୁଃଖ ହେଲେ ତୋତେ କି ନହେବ ?
ଯେଣୁ ତୁହି ଦୁଃଖ ହାରୀ
ଜୀବନର ଦୁଃଖ ତୋତେ ଜଣାଉଛି
ଦୁଃଖ ମୋ ହେଲାଣି ଭାରି ॥
ଶୁଣିଛି ପତିତପାବନ ବାନା ତୋ
ପତିତ ଦେଉଛି ତାରୀ
ମୋ ପରି ପତିତ ଗୁହାରୀ କରୁଛି
ନ ଶୁଣିଲ କର୍ଣ୍ଣ ଡେରି ॥
ଏତିକି କହିଲି ଦୁଃଖେ ଫେରିଗଲି
ବସିଥାଅ ଲକ୍ଷ୍ମୀ ଧରି
ଜଗତ ଜନନୀ ପଡ଼ି ତରତୁଛ
ମୋତେ ଦେଲ ମଲା କରି

⁂⁂⁂

# ଏକଇ ବ୍ରହ୍ମ

ଏକଇ ବ୍ରହ୍ମ ଜଗତରେ
ଖେଳଇ ଅନେକ ରୂପରେ
ବ୍ରହ୍ମ ନଥାଇ ରୂପ ଥାଏ
ତାକୁ ଯେ ସର୍ବ ରୂପକହେ ॥
ଏତେ ସୁନ୍ଦର ରୂପ କରି
ଶୂନ୍ୟରେ ଯାଉଥାଏ ସରି ॥
ଭାଙ୍ଗି ଗଢ଼ିବା ଯାର ଲୀଳା
ସେ କରେ ରୂପ ସଙ୍ଗେ ଖେଳା ॥
ସେହି ଦେବତା ନରନାରୀ
ଖେଳଇ ନାନାରୂପ ଧରି ॥
ତାରୂପ ଦେଖିବାର ପାଇଁ
ତିନି ଜଗତେ ଜଣେ ନାହିଁ ॥
ଯେ ତାକୁ କରେ ଦରଶନ
କହିକି ପାରେ ଚିହ୍ନ ବର୍ଣ୍ଣ ?
ଅନେକ ରଙ୍ଗେ ରୂପ ଯାର
ସେ କରେ ସକଳ ଆହାର ॥
ତାକୁ କେ କହିବାକୁ ନାହିଁ
ସେ ଜୁହେ ସର୍ବ ଅଙ୍ଗେ ଥାଇ ॥
ବିଶ୍ୱାସ ମାତ୍ର କର ସ୍ଥିର
ହୋଇବୁ ସଂସାରୁ ଉଦ୍ଧାର ॥
ସଂସ୍କାର ତୋ ପ୍ରାଣ ପବନ ।
ଅଭ୍ୟାସ କର ସବୁଦିନ ॥
ଅଭ୍ୟାସ କଲେ ସର୍ବ ପାଇ
ସିଦ୍ଧି ସାଧନା ପୂର୍ଣ୍ଣ ହୋଇ ॥
ମାତା ପିତାର ଦୟା ମାତ୍ର
ଖୋଜିଲେ ମିଳିବ ପବିତ୍ର ॥
କହିବା ବୋଲିବା ନୁହଁଇ
ଅଭ୍ୟାସ କର ତୋହ ପାଇଁ ॥

# ଏହି ନିବେଦନ

ଏହି ନିବେଦନ ରହୁରେ କାଳିଆ
(ତୋ) ଦରଶନ କରୁଥିବି
ତୋ ବଡ଼ ଦାଣ୍ଡରେ ରହିରେ କାଳିଆ
ଦିନରାତି ଡାକୁ ଥିବି ॥
ଏ ଜୀବନେ ଯେତେ ଭଲ ମନ୍ଦ ମୋର
ହୃଦୟରେ ଲେଖୁଥିବି
ମଣିଷ ଜନମ କାହିଁକି ଦେଇଛୁ
ମନେମନେ ଭାବୁଥିବି ॥
ଜନମ ଜନମ କେତେ ଜନମରେ
ତୋ ଶ୍ରୀ ମୁଖ ଦେଖୁଥିବି
ତୋହରି ସେବାରେ ମୋ ଦିନ ସରିବ
ଜଗନ୍ନାଥ ଜପୁଥିବ ॥
ଯେଉଁଠି ବସିଲେ ଆନ କିଛି ନାହିଁ
ତୋ ରୂପ ମୁଁ ଆଙ୍କୁ ଥିବି
ସେବାରେ ସେବକ ହେବାପାଇଁ ତୋର
ଫୁଲମାଳ ଗୁନ୍ଥୁ ଥିବି ॥
କର୍ପୁର ଚନ୍ଦନ ଅଗୁରୁ ମିଶାଇ
ହୃଦ ପେଡ଼ିରେ ଘୋରିବି
ତୋ ପାଦରେ ଦେଇ ଆନନ୍ଦ ହୋଇବି
କୋଟି ଦଣ୍ଡବତ ହେବି ॥
ବଟର ପତର ହିସାବ ମୋହର
ନିତିବସି ଗଣୁଥିବି ।
ତୁ’ ବୁଦ୍ଧିଆର ପ୍ରାଣ, ବୁଦ୍ଧିଆର ଜ୍ଞାନ
ବାଟତୋର ଚାହିଁ ଥିବି ॥

# ଶରଣ ସୋଦର

ଶରଣ ସୋଦର ବାନା ଯେଣୁ ତୋର
ଶରଣ ସମ୍ଭାଳ ଡାକେ ନିରନ୍ତର ॥
ଅଶରଣ ଜନ ଦୁଃଖ ସବୁଦିନ
ଏତିକି କରୁଣାକର
ଶରଣ ବାରଣ ହେ ରମା ରମଣ
ତୁମ୍ଭେପରା ହରିହର ॥
ମୋହ ପାଇଁ ଆଜି ହେଲ ନିରାଶ
ଡାକି ଡାକି ଶେଷେ ଫେରିଗଲା ଦାସ
ଥରେ ଦୟାବହି ଦୟା ମୟ ହରି
କିମ୍ପାଁତେ କରୁଣା କର ॥
ଭଣ୍ଡାର ମାଲିକ ମନାକରି ଦେଲେ
କାହାକୁ କହିବି ମତେ ଦୁଃଖ ହେଲେ
କୃପା ନେତ୍ରରେ ଉଦ୍ଧାର ॥
ଭାଷିଲାଣି କାଷ୍ଠ ପରାୟେ ଶରୀର
ଦିନରାତି ଦୁଃଖେ ହୁଏ ନିରନ୍ତର
ପାଦରେ କୋଟି ଜୁହାର
ବୁଦ୍ଧିଆ ଜାଣେନା ବେଦଜ୍ଞାନ ଭାବ
ଦୁଃଖ ବେଳେ ଡାକେ ଆହେ ବାସୁଦେବ
କୃପା ଦୃଷ୍ଟିରହୁ ତୋର ॥

⁂⁂⁂

# ଜଗବନ୍ଧୁ ବନ୍ଧୁ

ଜଗବନ୍ଧୁ ! ବନ୍ଧୁନାମ ହେଲା କାହିଁ ?
ବନ୍ଧୁ ଭଳି ତମେ ସାହାଯ୍ୟ ନକରି
ବନ୍ଧା ପକାଉଛ ନେଇ... ଜଗବନ୍ଧୁ...
ବନ୍ଧନ ମାୟାରୁ ଫିଟାଇବ ବୋଲି
ଆଶା କରିଥିଲି ମୁହିଁ
ଚୋର ଛାଡ଼ିଦେଇ ସାଧୁକୁ ବାନ୍ଧିଲ
ଦଣ୍ଡ ଦେବ ଦାଣ୍ଡେ ନେଇ... ଜଗବନ୍ଧୁ....
ଉପାସେ ବନ୍ଧୁଆ ଯାଯପୁରେ ମରେ
ତୋତେ ଦିନେ ମାଗିନାହିଁ
ନିଦ୍ରାରୁ ଉଠାଇ ବଡ଼ଦାଣ୍ଡେ ନେଇ
ଯାହା କଲୁ ଦିନେ ତୁହି...ଜଗବନ୍ଧୁ....
ସୁନାଥାଳି ଭୋଗ ଦବାପାଇଁ ଆଗ
ମନ କଲୁ କାହିଁ ପାଇଁ
ଖାଇବାକୁ ଦେଇ ମାଡ଼ ମରାଇଲୁ
କେବେ ହେଲେ ଭୁଲି ନାହିଁ... ଜଗବନ୍ଧୁ...
ଯେଯେତେ ଡାକିଲା ଦୁଃଖେ ଦିନଗଲା
ସୁଖ ଆଉ ଦିଶୁନାହିଁ
ଭୋକିଲା ପେଟରେ କେତେ ମୁଁ ଡାକିବି
ଡାକି ଆଉ ପାରୁ ନାହିଁ..ଜଗବନ୍ଧୁ...
ଯଦି ସଦା ଭାବ  ଅଛି ପଦ୍ମନାଭ
ସାନବଡ଼ କଲୁ କାହିଁ ?
ତୋତେ ଡାକିବାକୁ ବେଳ ଅଣ୍ଟୁନାହିଁ
ଦୁଃଖରେ ବୁଡ଼ିଆ ଥାଇ ଜଗବନ୍ଧୁ...

***

# ଆଖିର ଲୁହରେ

ଆଖିର ଲୁହରେ ଡଙ୍ଗା ଭାସିଲାଣି
କେତେ କଷ୍ଟ ହୁଏ ମୋର... ପ୍ରଭୁ...କେତେ କଷ୍ଟ....

ନାବିକ ହୋଇଣ ଧର୍ମ କାତ ଧରି
ଭବସିନ୍ଧୁ ପାରିକର... ପ୍ରଭୁ..ଭବସିନ୍ଧୁ....

ଶୟନେ ସ୍ୱପନେ କିବା ଜାଗରଣେ
ମନଶିର ନାହିଁ ମୋର
ମୋ ଆଖିର ଲୁହ ତୋତେ ଯଦି ଶାନ୍ତି
ହୁଅ ତୁ ବଡ଼ ଠାକୁର...ପ୍ରଭୁ....ହୁଅତୁ

ପୋଛି ଦେବାପାଇଁ ଆଖିର ଲୁହକୁ
କେହି ଜଣେ ନାହିଁମୋର
ଆଖିରୁ ବୋହିଣ ମାଟି ଭିଜିଲାଣି
ନଶୁଣ ନିଦା ପଥର...ପ୍ରଭୁ ନଶୁଣ....

ଯେତେ ଇଚ୍ଛା ଏବେ ଦୁଃଖ ଦେଇପାର
ଜୀବନଟି ଦୁଃଖମୋର
ଦୁଃଖ ଦବାପାଇଁ ତୁମେ ଏକା ଜଣେ
ଖେଳାଉଛ ଘର ଘର... ପ୍ରଭୁ...ଖେଳାଉଛ

ମୋ ଦୁଃଖ ବେଳରେ ତୁମେ ହସୁଥାଅ
କାହିଁକି ବଡ଼ ଠାକୁର
ମଉନେ ବସିଛୁ ବଡ଼ ଦେଉଳରେ
ଲକ୍ଷ୍ମୀ କୋଳେ ଧରି ତୋର.. ପ୍ରଭୁ...

ତୋତେ ମୁଁ ଦେଖିଲେ ସବୁ ଭୁଲିଯାଏ
ଭଙ୍ଗା ଚାଳିଆଟି ମୋର
ଗୋଦାବରୀ କୂଳରେ ବଟମୂଳେ ବସି
ବାଟ ଚାହିଁଥାଏ ତୋର.. ପ୍ରଭୁ...

କେଉଁଦିନ ତମେ ମୋ ପାଶେ ଆସିବ
ଦିଶୁଛି ସବୁ ଅନ୍ଧାର
ତୁମେ ତୁମ ଘର ଚଳାଅ ଏଥର
ଅକ୍ଷମ ହେଲା ଶରୀର
ମାୟାଧର ମାୟା ଜଗତ୍ରରେ ଏକା
ନଚାଉଛ ଘର ଘର .. ପ୍ରଭୁ...ନଚାଉଛ ଘର...

ଆନନ୍ଦ ବଜାର ନାମ ପଡୁ ଅଛି
ଆନନ୍ଦ ହୁଏ କାହାର..ପ୍ରଭୁ
ମୋର ଦୁଃଖ ଆଉ କହିଲେ ନସରେ
ଦୁଃଖ ଭୋଗ ନିରନ୍ତର
ଦୁଃଖ ନାଶନ ହେ ବୁଢ଼ିଆକୁ ରଖ
ପଦପଙ୍କଜରେ ତୋର... ପ୍ରଭୁ...ପଦପଙ୍କଜରେ...

***

# କଳା ଶ୍ରୀମୁଖ

କଳାଶ୍ରୀମୁଖ ହେ ! ଏତେ କାହିଁ ଦିଅ ଦୁଖ ?
ଦୁଃଖ ପରେ ଦୁଃଖ ଦେବା ପାଇଁ ମୋତେ
ତୋତେ କି ଲାଗଇ ସୁଖ ?
କଳାଶ୍ରୀମୁଖ ହେ....

ମୋତେ ଦୁଃଖ ହେଲେ ତୋତେ ଯଦି ସୁଖ
କୁହ ହେ ପଙ୍କଜ ମୁଖ
ଦିନରାତି ଡାକେ ସର୍ବ ସାକ୍ଷୀ ଦେଇ
ଅଧମ, ହୀନ ମୂରୁଖ ।
ଦୟାମାତ୍ର ଟିକେ ଥାଉ ଭୂମଣ୍ଡଳେ
ହୁଏ ଅରକ୍ଷ, ନିରକ୍ଷ
କଳା ଶ୍ରୀମୁଖ ହେ....

ତୁମ ବିନା ଆନ ନ ଇଚ୍ଛଇ ମନ
ଯେତେ ଇଚ୍ଛା ଦିଅ ଦୁଃଖ
ମୋତେ ଦୁଃଖ ହେଲେ ତୋତେ କି ନହେବ
ଦେଖନ୍ତୁ ଜଗତ୍ର ଲୋକ
ସତ୍ୟ ହେଉ ନାମ ଉଦ୍ଧାର ଅଧମ
ତୁମ ବାନା ରହୁ ଟେକ
ପ୍ରଭୁ ମୁହିଁ ଯେ ମହା ମୁରୁଖ
ମହାପ୍ରଭୁ ମୁହିଁ ଯେ ମହାମୁରୁଖ ।
କଳାଶ୍ରୀମୁଖ ହେ....

# ଅନେକ ନୟନ ରହିଛି

ଅନେକ ନୟନ ରହିଛି
ତୋରୂପ କିଏ ସେ ଦେଖୁଛି ?
ଋଷି ମୁନିଙ୍କୁ ଯେ ନୟନ
ଶ୍ରଦ୍ଧାରେ କରିଥିଲ ଦାନ ।

ସେଇ ନୟନ ଦିଅ ହରି
ପାପ ନୟନ ଯାଉ ଝରି
ନୟନେ ନୟନ ମିଶିବ
ନବ ନୟନ ପ୍ରକାଶିବ ।

ପାପ ନୟନ କର ନାଶ
ପାଦ ତଳରେ ରହୁଆଶ
ଲୋଭୀ ନୟନ ନ ହୋଇବ
ତବ ଶ୍ରଦ୍ଧାରେ ଦିନ ଯିବ ।

ଧ୍ରୁବ ଅକ୍ରୁର ପ୍ରହଲ୍ଲାଦ
ସତ୍ୟଯେ ନୟନ ସଂପଦ
ତୁମକୁ ଦେଖି ହେଲେ ସୁଖୀ
ସେଇ ନୟନ ଦିଅ ଡାକି ।

ଆନ ମାଗୁନି ଦେବା ପାଇଁ
ମାଗୁଛି ପାଦ ବେନି ଧ୍ୟାୟୀ
ମର୍ତ୍ତ୍ୟ ପାତାଳ ସ୍ୱର୍ଗ ପୁରେ
ଚାହିଁଲେ ଦେଖିବି ନେତ୍ରରେ ।

ସେଇ ପବିତ୍ର ନେତ୍ର ମୋତେ
ଦୟା କର ହେ ଜଗନ୍ନାଥେ
ଜଗତ ନାଥ ଜଗନ୍ନାଥ
ତିନି ଭୁବନେ ଯିଏ ଖ୍ୟାତ ।

# କାହାକୁ କହିବି ଦୁଃଖ

କାହାକୁ କହିବି ଦୁଃଖ
ଦୁଃଖ ହେଲା ଭାରିରେ
ଭବ ସମୁଦ୍ରରେ ବୁଡ଼ି
ଯିବ ମୋର ତରୀରେ
କେହି ନାହିଁ ମୋର ..ପ୍ରଭୁ କେହି ନାହିଁ ମୋର
ପାରିକରିବାକୁ ଏ ସାଗର ...କେହି.... ॥

ନାବ କାତ ଆହୁଲା ତରାଇ ଏକାମୋର
ଜଗବନ୍ଧୁ ଆଶ୍ରା କରି ଚଳଇ ସଂସାର
ବୁଡ଼ିଗଲେ ନାବ... ପ୍ରଭୁବୁଡ଼ିଗଲେ ନାବ
ନିନ୍ଦା ପଛେ କି ତୋତେ ନୋହିବ ...ବୁଡ଼ି.... ॥

ଦିବସ ରଜନୀ ତୋର ପାଦେ ମୋର ଭାବ
ଅଭାବ ହୋଇଲେ ତୁମେ ଜାଣ ପଦ୍ମନାଭ
ତୁମ ନାମ ନାବ...ପ୍ରଭୁ...ତୁମନାମ ନାବ
ତୁମ ଭକ୍ତ ଜନ ସଂଗେ ଥିବ ଭାବ... ତୁମ ନାମ.... ॥

ନାମ ନାବ ଛାଡ଼ିକରି ଭାସୁଅଛ ମୁହିଁ
ତୁମେ ସର୍ବ କରୁ ଅଛ ଶୂନ୍ୟ ମଧ୍ୟେ ଚାହିଁ
ଦିଶୁ ନାହିଁ ମୋତେ... ପ୍ରଭୁ... ଦିଶୁନାହିଁ ମୋତେ
ଧରି ପଚାରିବା ପାଇଁ ତୋତେ.. ଦିଶୁ...

ତୁମେ ଏକା ହର୍ତ୍ତା କର୍ତ୍ତା ଜୀବନ ମୋହରି
ଜିଙ୍କରପରାୟେ ପାଦେ ଖଟଇ ତୋହରି
ଦୟା ମାତ୍ର ହେବ... ପ୍ରଭୁ... ଦୟା ମାତ୍ର ହେବ
କୂଳରେ ଲାଗିବ ଯାଇ ନାବ... ଦୟାମାତ୍ର...

ଏହି ନିବେଦନ ଗୁରୁ ଦୁଃଖ ବେଳେ ମୋର
ଭବ ସାଗରରୁ ପ୍ରଭୁ କରିବ ଉଦ୍ଧାର
ତୁମେଜଳ ସ୍ଥଳ...ପ୍ରଭୁ... ତୁମେ ଜଳ ସ୍ଥଳ
ମୋର ବଳ ରୂପେ ଆଦି ମୂଳ...ତୁମେ ଜଳ...

# କରୁଣାସିନ୍ଧୁ ବୋଲାଅ

କରୁଣା ସିନ୍ଧୁ ବୋଲାଅ ମୋ କରୁଣା କାହିଁ ?
କେଉଁ ଦୋଷ ଦେଖିପ୍ରଭୁ ଦେଲ ହେ ଦୂରେଇ
କୃପାସିନ୍ଧୁ ବୋଲି ବୋଲାଅ କାହିଁ ?
ତର ଥାଇ ବୁଡ଼ି ମରୁଛି ମୁହିଁ ।

ତୁମେ ତ ନାଉରୀ ପ୍ରଭୁ ତୁମେ ନାବ ହୋଇ ।
ତୁମେ ସପ୍ତସିନ୍ଧୁ ଘେରି ରଖିଛ ଯେ ମହୀ ।।

ତୁମେ ପଞ୍ଚଭୂତ ପ୍ରଭୁ ପ୍ରଳୟର ଜଳେ ।
ଭାସି ଯାଉ ଅଛି ପ୍ରଭୁ ଲଗାଅ ହେ କୂଳେ ।।

ଅକୂଳ ନପାଇଣ ହେଲିଣି ଅଥୟ ।
କେଉଁ ଆଡ଼େ ଯିବି ମୋତେ ସଦା ଲାଗେ ଭୟ ।।

ଉତ୍ତରକୁ ଚାହିଁଲେ ମୁଁ ହେମ ଆସେ ବହି ।
ଥରହର ହୁଏପ୍ରାଣ ନ ପାରୁଛି ରହି ।।

ପୂର୍ବକୁ ଚାହିଁଲେ ପ୍ରଭୁ ଉଠଇ ତରଙ୍ଗ ।
ଜଳସ୍ଥଳ ଦେଖି ନେତ୍ରେ ଭୟ ଆସେ ଅଙ୍ଗ ।।

ଦକ୍ଷିଣକୁ ଅନାଇଲେ ଜଳି ଆସେ କାଳ ।
ହୁତାସନ ହୋଇ ପ୍ରଭୁ ଜଳୁଛି ଅନଳ ।।

ପଶ୍ଚିମକୁ ଅନାଇଲେ ଶନିର ମଡ଼କ ।
ଭୟ ଦେଖାଏ ମୋ ପ୍ରାଣେ ଦିନରାତି ଦକ ।।

ଆକାଶକୁ ଅନାଇଲେ ପଡୁଅଛି ମାଡ଼ି ।
ପାତାଳକୁ ଅନାଇଲେ ନିଜେ ଗଲି ବୁଡ଼ି ।।

କେଉଁ ଉପାୟ କରିବି ଦିଅନ୍ତୁ ବତାଇ ।
ଉପାୟ ନଦେଲେ ମୋର ଗତି ମୁକ୍ତି କାହିଁ ।।
ଅଥୟ ହେଲାଣି ପ୍ରାଣ ମୋହର
କିଏ ବୋଳିଦେଲା ଦେହେ ଜହର ।।

ଅମୃତରେ ବିଷ ଭରି କିଏ ଦେଲା ମୋତେ ।
ଖାଇସାରି ଯେତେ ମୁହିଁ ପଚାରୁଛି ତୋତେ ।।

କେମନ୍ତ ଏ ବିଷ ହୋଇବ ନାଶ ।
ବିକଳେ ଡାକୁଛି ପ୍ରଭୁହେ ! ଆସ ॥

ଶଙ୍ଖଚକ୍ର ରାଣ ଦେଇ ପଚାରୁଛି ତୋତେ ।
ଦୋଷ କରି ଥିଲେ ପ୍ରଭୁ କହି ଦିଅ ମୋତେ ॥

ତୁମ୍ଭ ବିନା କେହି ନାହିଁ ମୋହରି
ତୁମ୍ଭେ ଥାଇ ଦୁଃଖ ହେଲାଣି ଭାରି
ଦୁଃଖ ନାଶନ କାହିଁକି ନାଶିଲ ଦୁଃଖ
କାହାକୁ ହସି କହୁଛି ମୋ ପାଇଁ ବିମୁଖ
ଦୁଃଖ ନାଶନହେ ନାଶ ମୋ ଦୁଃଖ
ଅଧମ ଜୀବନ ହୀନ ମୂରୁଖ
ସଚରାଚର ପୃଥିବୀ ଜୀବଜନ୍ତୁ ଯେତେ
ଗୁଳ୍ମଲତା ଗଛବୃକ୍ଷ ଲଗାଇଛ ଯେତେ
ଯେଉଁ ଭଳି ଯିଏ ହୋଇବା ପାଇଁ
ତୁମ୍ଭେ କରିଅଛ ଏକାହିଁ ରହି
ନାନାଭାବେ ନାନାଭାବ ଶିଖାଇଛ ତୁମ୍ଭେ
ନାନା ପୁଷ୍ପେ ନାନା ବାସ ରଖି ଅଛଭାବେ
ପ୍ରଭୁ ତୁମ୍ଭରି ଏ ଲୀଳା ନିଜାଦ୍ରି ନାଥ
ଲୀଳା ଅଛି ବୋଲି ଜଗତେ ନାଥ
କିଏ ପ୍ରଭୁ କାନ୍ଦୁ ଅଛି କିଏ ହସେ ବସି
କାହାର ଅକାଳେ ସର୍ବ ଯାଉଅଛ ଭାସି
ଦବା ନବା ଦୁଇଭାବ ଲଗାଇ
ଘରେ ଘରେ ତୁମେ ଖେଳୁଛ ହରି
କେଉଁଠାରେ ପୁତ୍ର କନ୍ୟା କାହିଁ ବନ୍ଧୁଜନ
କେଉଁଠାରେ ଦୟାଶାନ୍ତି କାହିଁ ଅଭିମାନ
ନିଜକୁ ନିଜେ ହେ କରୁଛ ହରି
ଆଉ ସକଳ ଘଟରେ ଲୀଳା ଲଗାଉଛ
ପାଷାଣ ରୂପକୁ ଧରି ହେ ହରି... ।

# ମା ସତର ଘଣ୍ଟି

ସେ ଚିମୁଟା ମୋର ମନେ ପଡୁଅଛି
ଧରି ଥିଲି ହାତେ ମୁହିଁ
ପ୍ରସ୍ତରକୁ ଖୋଳି ଗାତ କରୁଥିଲି
ଦିନେ ମୁଁ ରହିବି ଯାଇ ॥
ଖଣ୍ଡ ଖଣ୍ଡ ଗିରି କେତେ ଥିଲା ଗିରି
ଗିରିର ନାହିଁ କଳନା
କହିବା ପାଇଁ କି ଅଚ୍ୟୁତ ଗୁମ୍ଫାର
ନାମ ରହି ଅଛି ସିନା ॥
ଗୁରୁଶିଷ୍ୟଭାବ ଅତିହିଁ ଦୁର୍ଲ୍ଲଭ
ଧୀରେ ଧୀରେ କରେଗାତ
ବର୍ଷା କାକରରୁ ବଞ୍ଚିବା ପାଇଁକି
ଗୁରୁଶିଷ୍ୟ ଏକ ମତ ॥
ଗୁରୁ ଶୋଇଥାନ୍ତି ଭିତର ଗୁମ୍ଫାରେ
ଶିଷ୍ୟ ବସିଥାଏ ଦ୍ୱାରେ
ଗୁରୁଶିଷ୍ୟ ଭାବ ନିଗୁଢ଼ ତତ୍ତ୍ୱ ସେ
କହି ହେବକି ମୁଖରେ ॥
ଆଦ୍ୟପ୍ରାନ୍ତ ଦୁଇ ଏଠାରେ ମିଶିବ
ଏହି ସେହି ଖଣ୍ଡଗିରି
ସେହି ରୂପ ଏହି ଭିକାରୀ ସାଜିଛି
କିଏ ସେ ପାରିବ ଧରି ॥
ସେହି ରହିଥିଲେ ଏହି ରହିଥିବ
ଗୁରୁଶିଷ୍ୟ ଏକା କରି
ଶିଷ୍ୟରେ ଖେଳିବ ଗୁରୁ ଅଙ୍ଗ ଏକା
କଳିଶେଷେ ଗୁରୁପରି ॥
ନଚ୍ୟୁତ ଅଚ୍ୟୁତ ହେବନାହିଁ ଚ୍ୟୁତ
ହିସାବରେ ଚ୍ୟୁତ କରି
ଚୁତ ବଉଳିବ ଜନମ ଲଭିବୁ
ଏକ ଦିନ ଏକ କରି ॥

ଏକ ବାର ଥିବ ଜନମ ଏକଇ
ଗୁରୁ ଶିଷ୍ୟ ହେବ ଭାବ
ଗୁରୁ ଶୂନ୍ୟ ହେବ ଶିଷ୍ୟ ରହିଥିବ
ଶେଷ ସମୟେ ସରିବ ॥
ନିଜ ହସ୍ତ ଗୁମ୍ଫା କଳିରେ ସାକ୍ଷାତ
କାହାକୁ କହିବ ନାହିଁ
ଦେଖାଇ ଦେଲେ ତୁ ବ୍ରହ୍ମ ଅଭିଶାପ
ଅର୍ଜିବୁ ତୁହି ତୋ ପାଇଁ ॥
ନିହାଣ ବାରିଶି ନଥିଲା ସେବେଳେ
ସନ୍ୟାସର କିସ ହେବ
ବ୍ରହ୍ମ ଚିମୁଟାରେ ଯଜ୍ଞକୁଣ୍ଡ ଅଛି
ଏତିକି ମାତ୍ର ରହିବ ॥
ଖଣ୍ଡଗିରି ପାଦ ଦେଶରେ ଆଶ୍ରମ
ଗୁମ୍ଫା ମୋ ମଧ୍ୟରେ ଭାବ
ମଧ୍ୟ ଦେଶେ ମୋର ଶୂନ୍ୟ ଗୁମ୍ଫାଥିବ
ନାଦ ବିନ୍ଦୁରୁ ଜାଣିବ ॥
ଅନନ୍ତ ଅହି ମାନଙ୍କର ବାସ
ଦେବୀ ଥିବେ ପାଦ ତଳେ
ତା ତଳେ ଆଶ୍ରମ ନିଶ୍ଚଳେ ରହିବ
ଗୁପ୍ତ କରି ଅନ୍ତରାଳେ ॥
ମହା ଆକଟରେ କଳିକି ରହିବ
ସାକ୍ଷାତ ହୋଇବ ନାହିଁ
ଯେ ଦିନ ସାକ୍ଷାତ ତୋର ମୋର ହେବ
କଳିଯିବ ଶେଷ ହୋଇ ॥
ଦିନରାତି ତୋତେ ଚିନ୍ତା ମୁଁ କରଇ
ଥରେ ଆସ ଗୁମ୍ଫା ପାଶ
ସଦାବେଳେ ଖାଲି ମନା କରୁଥାଉ
ଯିବିନାହିଁ ବୋଲି ପାଶ ॥
ସେ ଗୁମ୍ଫା ଉପରେ ତିନି ଗୁମ୍ଫା ଅଛି
ଏକଇ ଲତିକା ବୃକ୍ଷ

ତାପାଖରେ ଏକ ଗର୍ତ୍ତ ରହିଅଛି
ଶୂନ୍ୟ ବାମ୍ପି ତାର ପାଶ ॥
ନିର୍ଝର ଝରଣା ଖଣ୍ଡଗିରି ଗଙ୍ଗା
ଗୁପ୍ତରେ ରହିବ ଶେଷ
ମସ୍ତକରେ ଗଙ୍ଗା ମୁଣ୍ଡାଇ ବସିବି
ମୋ ନାମ ଅଚ୍ୟୁତି ଦାସ ॥
କଳି ଯୁଗେ ମୋର ଅନ୍ତ ନପାଇବେ
ନାମ ମୋ ଅନନ୍ତ ଗୁଂଫା
ଭୁଗର୍ଭେ ରହିବି ଲୀଳା ଦେଖୁଥିବି
ତହିଁ ହେବ ଦେବ ସଭା ॥
ଯେତେଦିନ ପାଇଁ ନଯିବୁ ହେ ଦାସ
ଦେବ ସଭା ହେବ ନାହିଁ
ଦେବ ସଭା ବୋଲି ମାନବେ କହିବେ
କାହୁଁ ଜାଣିବେ ତୋ ପାଇଁ ॥
ବାରହାତ ବାର ହାତରେ ଦେଖିବୁ
ଚଉତାନି ଚାରିପଟ
ଏକଇ ପ୍ରସ୍ତର ମୁଦି ଦେଇ ଅଛି
ସେହିଟି ଶୂନ୍ୟ କବାଟ ॥
ଫିଟାଇବା ଚାବି ତୋର ହସ୍ତେ ଅଛି
ଯେ ହସ୍ତରେ ମୁଦି ଥିଲି ।
ସହସ୍ରଦଳର ପଦ୍ମତ ଫୁଟଇ
ମୂଳଦ୍ରେମ ନାହିଁ ଖାଲି ॥
ସେ ବ୍ରହ୍ମ ପାଦୁକା ସଦ୍ୟ ତୁଳସୀ ରେ
କଳଙ୍କି ରହିଣ ଥିବ
ତୋ ହସ୍ତ ଲାଗିଲେ ମୋ ଅଙ୍ଗ ଆସିଣ
କଳିକି ରୂପ ହୋଇବ ॥
କଳାକୁ ହରିବି କଳା ଛଡ଼ାଇବି
କଳାରେ ହୋଇବ ଖେଳ
କଳା ସରିଗଲେ କଳିଯୁଗେ ମୋର
ତୋର ବୁଡ଼ି ଯିବ କାଳ ॥